# REGIONAL NEWS UNIT, AIR CUTTACK

## Evening Bulletin (6.45PM)

### 30 October – 2025

**********************************

## ମୁଖ୍ୟ ସମ୍ବାଦ

- ସର୍ଦ୍ଦାର ବଲ୍ଲଭଭାଇ ପଟେଲଙ୍କ ୧୫୦ତମ ଜୟନ୍ତୀ ଅବସରରେ ଆସନ୍ତାକାଲି ଦେଶବ୍ୟାପୀ ଅନୁଷ୍ଠିତ ହେବ 'ଏକତା ପାଇଁ ଗଣଦୌଡ଼ ଅଭିଯାନ'
- ଭୁବନେଶ୍ୱରଠାରେ ଆସନ୍ତାକାଲି ଆରମ୍ଭ ହେବ ହସ୍ତତନ୍ତ ଏବଂ ହସ୍ତଶିଳ୍ପ ଆଧାରିତ ଜାତୀୟ ସମ୍ମିଳନୀ
- ରାଜପଥ ଏବଂ ସଡ଼କ ନିର୍ମାଣ ସମୟରେ ବାଧ୍ୟତାମୂଳକ ହେଲା ଚାରାରୋପଣ

ଏବଂ

- ଆସନ୍ତା ଫେବୃଆରୀ ମାସ ୧୭ ତାରିଖରୁ ଆରମ୍ଭ ହେବ ସିବିଏସ୍ଇ ପରିଚାଳିତ ଦଶମ ଓ ଦ୍ୱାଦଶ ଶ୍ରେଣୀ ପରୀକ୍ଷା

# ଜାତୀୟ ଏକତା ଦିବସ

'ଏକ ଭାରତ ଶ୍ରେଷ୍ଠ ଭାରତ'ର ଭାବନାକୁ ପୁନଃ ସୁଦୃଢ଼ କରିବା ପାଇଁ ଆସନ୍ତାକାଲି ଦେଶବ୍ୟାପୀ 'ଏକତା ପାଇଁ ଗଣଦୌଡ଼' ଅଭିଯାନ ଅନୁଷ୍ଠିତ ହେବ । ସର୍ଦ୍ଦାର ବଲ୍ଲଭଭାଇ ପଟେଲ୍‌ଙ୍କ ୧୫୦ତମ ଜନ୍ମବାର୍ଷିକୀକୁ ସ୍ୱତନ୍ତ୍ର କରିବା ପାଇଁ ଏହି ଏକତା ଦୌଡ଼ର ଆୟୋଜନ କରାଯାଇଛି । ପ୍ରତ୍ୟେକ ରାଜ୍ୟ, ଜିଲ୍ଲା, ବିଦ୍ୟାଳୟ ଏବଂ ବିଶ୍ୱବିଦ୍ୟାଳୟଠାରେ ଏହି ପରିପ୍ରେକ୍ଷୀରେ ଏକତା ଦୌଡ଼ର ଆୟୋଜନ କରାଯାଇଛି । ଏ ସମ୍ପର୍କରେ ସୂଚନା ଦେଇ ସ୍ୱରାଷ୍ଟ୍ର ମନ୍ତ୍ରୀ ଅମିତ ଶାହା କହିଛନ୍ତି...

**- V/O -**

ଗୁଜୁରାଟର କେଭାଡ଼ିଆଠାରେ ଆସନ୍ତାକାଲି ଆୟୋଜିତ ହେବାକୁ ଥିବା ରାଷ୍ଟ୍ରୀୟ ଏକତା ଦିବସ ସମାରୋହରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଯୋଗଦେଇ 'ଷ୍ଟାଚ୍ୟୁ ଅଫ୍ ୟୁନିଟ୍'ଠାରେ ସର୍ଦ୍ଦାର ପଟେଲ୍‌ଙ୍କୁ ଶ୍ରଦ୍ଧାଞ୍ଜଳି ଅର୍ପଣ କରିବେ । ଏହି ଅବସରରେ ଆୟୋଜିତ ହେବାକୁ ଥିବା ଏକତା ଦିବସ ଶପଥ ପାଠ କାର୍ଯ୍ୟକ୍ରମ ଏବଂ ସ୍ୱତନ୍ତ୍ର ପରେଡ୍‌ରେ ଶ୍ରୀ ମୋଦୀ ଯୋଗଦେବେ । ଆରମ୍ଭ ୭ ଦଶମିକ ୦ ଯୋଜନାର ଶୁଭାରମ୍ଭ କରିବା ସହ

ଶ୍ରୀ ମୋଦୀ ୧୦୦ତମ ଫାଉଣ୍ଡେସନ୍ ପାଠ୍ୟକ୍ରମର ପ୍ରଶିକ୍ଷାର୍ଥୀଙ୍କ ସହ ବାର୍ତ୍ତାଳାପ କରିବାର କାର୍ଯ୍ୟସୂଚୀ ରହିଛି ।

PIB

## ହସ୍ତତନ୍ତ ଜାତୀୟ ସମ୍ମିଳନୀ

ଦେଶର ହସ୍ତତନ୍ତ ଓ ହସ୍ତଶିଳ୍ପ ଆଧାରିତ ଏକ ଜାତୀୟ ସମ୍ମିଳନୀ ଆସନ୍ତାକାଲିଠାରୁ ଭୁବନେଶ୍ୱରରେ ଆରମ୍ଭ ହେବ । ବୟନ ଶିଳ୍ପ ମନ୍ତ୍ରଣାଳୟର ହସ୍ତତନ୍ତ ଓ ହସ୍ତଶିଳ୍ପ ବିକାଶ ଆୟୋଗଙ୍କ ଆନୁକୂଲ୍ୟରେ ଆୟୋଜିତ ହେବାକୁ ଥିବା ସମ୍ମିଳନୀରେ ରାଜ୍ୟ ଏବଂ କେନ୍ଦ୍ର ଶାସିତ ଅଞ୍ଚଳଗୁଡ଼ିକର ବିଭାଗୀୟ ବରିଷ୍ଠ ପଦାଧିକାରୀ ଏବଂ ହସ୍ତଶିଳ୍ପ ଓ ହସ୍ତତନ୍ତ କ୍ଷେତ୍ରର ଅଂଶୀଦାର ଯୋଗଦେବେ । ଆସନ୍ତା ଶନିବାର ପର୍ଯ୍ୟନ୍ତ ଚାଲିବାକୁ ଥିବା ସମ୍ମିଳନୀରେ ଦେଶରେ ରହିଥିବା ହସ୍ତତନ୍ତ କ୍ଷେତ୍ରର ସୁଯୋଗ ଓ ଆହ୍ୱାନ ଏବଂ ଏହି କ୍ଷେତ୍ର ପାଇଁ ନୂତନ ଯୋଜନା ପ୍ରସ୍ତୁତି ଉପରେ ବିଚାର ବିମର୍ଶ କରାଯିବ । ହସ୍ତତନ୍ତ ଏବଂ ହସ୍ତଶିଳ୍ପ କ୍ଷେତ୍ରର ବିକାଶକୁ ଦୃଷ୍ଟିରେ ରଖି ଭବିଷ୍ୟତର ରୂପରେଖ ପ୍ରସ୍ତୁତି ନେଇ ସମ୍ମିଳନୀରେ ଆଲୋଚନା ହେବାର କାର୍ଯ୍ୟସୂଚୀ ରହିଛି । ହସ୍ତତନ୍ତ ଏବଂ ହସ୍ତଶିଳ୍ପ କ୍ଷେତ୍ର ପାଇଁ ଦୃଢ଼ ପ୍ରଶାସନିକ ଢାଞ୍ଚା ଏବଂ ବୁଣାକାର ଓ କାରିଗରଙ୍କ ଆୟବୃଦ୍ଧି ଦିଗରେ ଏହି ସମ୍ମିଳନୀ ଏକ ମଞ୍ଚ ପ୍ରଦାନ କରିବ ବୋଲି ଆଶା କରାଯାଇଛି ।

Nuapada

## ନୂଆପଡା-ଉପନିର୍ବାଚନ

**ନୂଆପଡ଼ା** ବିଧାନସଭା ଉପନିର୍ବାଚନ ପାଇଁ ୨ ସପ୍ତାହରୁ କମ୍ ସମୟ ରହିଛି । ୩ ପ୍ରମୁଖ ରାଜନୈତିକ ଦଳ ସମେତ ଅନ୍ୟ ଦଳ ଏବଂ ସ୍ୱାଧୀନ ପ୍ରାର୍ଥୀମାନେ ନିର୍ବାଚନ ରଣାଙ୍ଗନରେ ସେମାନଙ୍କ ସପକ୍ଷରେ ଭୋଟରଙ୍କୁ ଆକୃଷ୍ଟ କରିବା ପାଇଁ ପ୍ରଚାର ଅଭିଯାନ ଜାରି ରଖିଛନ୍ତି । ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଖୁବ୍‌ଶୀଘ୍ର ନୂଆପଡ଼ା ଗସ୍ତରେ ଯାଇ ଦ୍ୱିତୀୟ ପର୍ଯ୍ୟାୟ ନିର୍ବାଚନରେ ପ୍ରଚାର କରିବେ ବୋଲି ରାଜସ୍ୱ ମନ୍ତ୍ରୀ ସୁରେଶ ପୂଜାରୀ କହିଛନ୍ତି ।

ବିଜେପି ପ୍ରାର୍ଥୀ ଜୟ ଢୋଲକିଆ କୋମନା ବ୍ଲକରେ ନିର୍ବାଚନୀ ପ୍ରଚାର କରୁଛନ୍ତି । ସେହିପରି ବିଜେଡି ପକ୍ଷରୁ ପ୍ରାର୍ଥୀ ସ୍ନେହାଙ୍ଗିନୀ ଛୁରିଆ ନୂଆପଡ଼ା ବ୍ଲକରେ ଓ କଂଗ୍ରେସ ପ୍ରାର୍ଥୀ ଘାସିରାମ ମାଝୀ କୋମନା ବ୍ଲକର ଦୁଇ ନମ୍ବର ଜିଲ୍ଲା ପରିଷଦ ଜୋନ୍‌ରେ ପ୍ରଚାର କରୁଥିବା ଆମ ସମ୍ବାଦଦାତା ଜଣାଇଛନ୍ତି ।

ନୂଆପଡା ଉପନିର୍ବାଚନ ପାଇଁ ଆସନ୍ତା ମାସ ୧୧ ତାରିଖରେ ଭୋଟ ଗ୍ରହଣ କରାଯିବା ସହ ୧୪ ତାରିଖରେ ଫଳାଫଳ ପ୍ରକାଶ ପାଇବ ।

Desk

## ୟୁଜିସି ପକ୍ଷରୁ ମାର୍ଗଦର୍ଶିକା

ବିଶ୍ୱବିଦ୍ୟାଳୟ ଓ ମହାବିଦ୍ୟାଳୟକୁ ନିଶାମୁକ୍ତ କରିବା ପାଇଁ ୟୁ.ଜି.ସି. ପକ୍ଷରୁ ମାର୍ଗଦର୍ଶିକା ଜାରି କରାଯାଇଛି । ପ୍ରତି କ୍ୟାମ୍ପସରେ ଆଣ୍ଟି ଡ୍ରଗ୍ ଇନ୍ସପେକ୍ଟର ନିଯୁକ୍ତ ହେବେ ବୋଲି  ଉଚ୍ଚଶିକ୍ଷା ମନ୍ତ୍ରୀ ସୂର୍ଯ୍ୟବଂଶୀ ସୁରଜ

କହିଛନ୍ତି । ବିଶ୍ୱବିଦ୍ୟାଳୟ ଓ ମହାବିଦ୍ୟାଳୟର ଜଣେ ଅଧ୍ୟାପକ ଓ ଅଧ୍ୟାପିକାଙ୍କୁ ଦାୟିତ୍ୱ ଦିଆଯିବ । ଛାତ୍ରଛାତ୍ରୀଙ୍କ ଯୋଗ, ଶାରୀରିକ ଦକ୍ଷତା, ପୁଷ୍ଟିକର ଖାଦ୍ୟ ଉପରେ ଗୁରୁତ୍ୱ ଦିଆଯିବ ବୋଲି ମନ୍ତ୍ରୀ ଶ୍ରୀ ସୁରଜ କହିଛନ୍ତି ।

**- V/O –**

Desk

## ସୁଭଦ୍ରା ଶକ୍ତିମେଳା

ଓଡ଼ିଶାର ମହିଳା ଉଦ୍ୟୋଗୀ ଓ ସାଂସ୍କୃତିକ ପରମ୍ପରା କାର୍ଯ୍ୟକ୍ରମ **ସୁଭଦ୍ରା ଶକ୍ତି ମେଳା** ଆସନ୍ତା ଶନିବାରଠାରୁ ଭୁବନେଶ୍ୱର ଇଡ୍‌କୋ ପ୍ରଦର୍ଶନୀ ପଡିଆରେ ଆୟୋଜିତ ହେବ । ଏହି ପରିପ୍ରେକ୍ଷୀରେ ଆଜି ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡ଼ା ମିଶନ ଶକ୍ତି ଭବନଠାରେ ଆୟୋଜିତ ସାମ୍ବାଦିକ ସମ୍ମିଳନୀରେ ମେଳାର ଉଦ୍ଦେଶ୍ୟ ସମ୍ପର୍କରେ ଆଲୋଚନା କରିଛନ୍ତି । ସୁଭଦ୍ରା ଶକ୍ତି ମେଳା ନାରୀଶକ୍ତି ସମୃଦ୍ଧିର ପ୍ରତୀକ ତଥା ମହିଳା ଉଦ୍ୟୋଗୀ ଏବଂ ସାଂସ୍କୃତିକ ପରମ୍ପରାର ମେଳା ବୋଲି ଶ୍ରୀମତୀ ପରିଡ଼ା କହିଛନ୍ତି । ଏହି ମେଳା ଆସନ୍ତା ମାସ ୧୨ ତାରିଖ ପର୍ଯ୍ୟନ୍ତ ଚାଲିବ ।

BBSR/R

## କିଡ୍‌ନୀ ରୋଗ ସମ୍ପର୍କିତ ବୈଠକ

ରାଜ୍ୟରେ କ୍ରୋନିକ୍ କିଡ୍‌ନୀ ରୋଗର ପ୍ରତିରୋଧ, ନିୟନ୍ତ୍ରଣ ଏବଂ ଆଗାମୀ ପଦକ୍ଷେପ ସମ୍ପର୍କରେ ବୈଷୟିକ କମିଟି ବୈଠକ ଭୁବନେଶ୍ୱରସ୍ଥିତ ମିଳିତ ସ୍ୱାସ୍ଥ୍ୟସେବା ନିର୍ଦ୍ଦେଶାଳୟରେ ଅନୁଷ୍ଠିତ

ହୋଇଯାଇଛି। ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗ ସଚିବଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ବୈଠକରେ ନିୟନ୍ତ୍ରଣ ପଦକ୍ଷେପଗୁଡ଼ିକ ପାଇଁ ରୂପରେଖ ଓ ରୋଗୀଙ୍କ ଅସୁବିଧାର ସମାଧାନ ବିଷୟରେ ଆଲୋଚନା ହୋଇଥିଲା। ରାଜ୍ୟସ୍ତରୀୟ ସର୍ଭିଲାନ୍ସ ସିଷ୍ଟମ ଗଠନ, ଜନଜାଗୃତି, ପଞ୍ଜୀକରଣ ଓ ବିଶେଷଜ୍ଞମାନଙ୍କୁ ଗବେଷଣା ପାଇଁ ଅଧିକ ପ୍ରେରିତ କରିବା ନିମନ୍ତେ କାର୍ଯ୍ୟକ୍ରମରେ ଗୁରୁତ୍ୱାରୋପ କରାଯାଇଥିଲା। ରାଜ୍ୟ ଏବଂ ରାଜ୍ୟ ବାହାରୁ ବିଭିନ୍ନ ମେଡିକାଲ କଲେଜ, ଜିଲ୍ଲା ସ୍ୱାସ୍ଥ୍ୟ ଅଧିକାରୀ, ବିଶେଷଜ୍ଞ ଡାକ୍ତର, ଗବେଷକମାନେ ଯୋଗ ଦେଇଥିଲେ।

BBSR/R

## ରାସ୍ତା ପାର୍ଶ୍ୱରେ ବୃକ୍ଷରୋପଣ

ରାଜ୍ୟରେ ପୂର୍ତ୍ତ ବିଭାଗ ଅଧୀନରେ ନୂଆ କରି ନିର୍ମାଣ ହେବାକୁ ଥିବା ପ୍ରତ୍ୟେକ ରାଜପଥ ଓ ସଡ଼କ ନିର୍ମାଣ ସମୟରେ ରାସ୍ତା ପାର୍ଶ୍ୱରେ ଚାରାରୋପଣକୁ ବାଧ୍ୟତାମୂଳକ କରାଯିବ ବୋଲି ଆଇନ ଓ ପୂର୍ତ୍ତମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନ କହିଛନ୍ତି। ସାମ୍ପ୍ରତିକ ଜଳବାୟୁ ପରିବର୍ତ୍ତନ ଓ ପରିବେଶ ପ୍ରଦୂଷଣକୁ ଦୃଷ୍ଟିରେ ରଖି ନିର୍ମାଣ ଖର୍ଚ୍ଚର ୧ ପ୍ରତିଶତ ଚାରାରୋପଣ ଲାଗି ବ୍ୟୟ ହେବ। ଏଥିନେଇ ବିଭାଗ ପକ୍ଷରୁ ନିର୍ମାଣ ହେବାକୁ ଥିବା ରାସ୍ତାର ଉଭୟ ପାର୍ଶ୍ୱ, ଡିଭାଇଡର ମଝିରେ ଖାଲି ସ୍ଥାନରେ ବ୍ୟାପକ ବୃକ୍ଷରୋପଣ କରାଯିବା ନେଇ ସମସ୍ତ ବିଭାଗୀୟ ଅଧିକାରୀଙ୍କୁ ଚିଠି ମାଧ୍ୟମରେ ଅବଗତ କରାଯାଇଛି ବୋଲି ମନ୍ତ୍ରୀ ଶ୍ରୀ ହରିଚନ୍ଦନ କହିଛନ୍ତି। ଏହି ପରିପ୍ରେକ୍ଷୀରେ ରାସ୍ତାପାର୍ଶ୍ୱରେ ବୃକ୍ଷରୋପଣ ନିଷ୍ପତ୍ତି,

ମୃତ୍ତିକା ସଂରକ୍ଷଣ ଓ ବିଭିନ୍ନ ପ୍ରଦୂଷଣକୁ କମ୍ କରିବା ଦିଗରେ କାର୍ଯ୍ୟ କରିବ। ପରିବେଶ ସନ୍ତୁଳନ ରକ୍ଷା କ୍ଷେତ୍ରରେ ରାଜ୍ୟ ସରକାରଙ୍କ ଏହି ଯୁଗାନ୍ତକାରୀ ପଦକ୍ଷେପ ଏକ ମାଇଲଖୁଣ୍ଟ ସାବ୍ୟସ୍ତ ହେବା ସହ ଓଡ଼ିଶାକୁ ଏକ ଅଗ୍ରଣୀ ରାଜ୍ୟରେ ପରିଣତ କରିବ ବୋଲି ମନ୍ତ୍ରୀ ଶ୍ରୀ ହରିଚନ୍ଦନ ଆଶାବ୍ୟକ୍ତ କରିଛନ୍ତି।

Desk

## ସିବିଏସ୍ ପରୀକ୍ଷା

କେନ୍ଦ୍ରୀୟ ମାଧ୍ୟମିକ ଶିକ୍ଷା ପରିଷଦ ଦ୍ୱାରା ପରିଚାଳିତ– ସି.ବି.ଏସ୍.ଇ ଦଶମ ଓ ଦ୍ୱାଦଶ ପରୀକ୍ଷା ଆସନ୍ତା ବର୍ଷ ଫେବୃଆରୀ ମାସ ୧୭ ତାରିଖରୁ ଆରମ୍ଭ ହୋଇ ଏପ୍ରିଲ ମାସ ୯ ତାରିଖ ପର୍ଯ୍ୟନ୍ତ ଚାଲିବ। ପରିଷଦ ପକ୍ଷରୁ ପ୍ରକାଶ ପାଇଥିବା ବିଜ୍ଞପ୍ତି ଅନୁସାରେ ପରୀକ୍ଷା ଗୋଟିଏ ସିଫ୍ଟରେ ସକାଳ ସାଢ଼େ ୧୦ଟାରୁ ଆରମ୍ଭ ହୋଇ ମଧ୍ୟାହ୍ନ ସାଢ଼େ ଗୋଟାଏ ପର୍ଯ୍ୟନ୍ତ ଚାଲିବ। ପରୀକ୍ଷାର୍ଥୀଙ୍କର ବିଷୟ ଅନୁସାରେ ଦୁଇ ଘଣ୍ଟା କିମ୍ବା ତିନି ଘଣ୍ଟା ପରୀକ୍ଷା ହେବ ବୋଲି ସିବିଏସ୍‌ଇ ପକ୍ଷରୁ କୁହାଯାଇଛି। ପରୀକ୍ଷା ସଂକ୍ରାନ୍ତରେ ଛାତ୍ରଛାତ୍ରୀମାନେ cbse.gov.in ରେ ଅଧିକ ତଥ୍ୟ ପାଇପାରିବେ।

Kandhamal/Boudh/Sambalpur

## ମିତବ୍ୟୟିତା ଦିବସ ପାଳନ

ଜନସାଧାରଣଙ୍କୁ ଆର୍ଥିକ ସୁରକ୍ଷା ଏବଂ ସଞ୍ଚୟର ଗୁରୁତ୍ୱକୁ ନେଇ ସଚେତନ କରାଇବା ଉଦ୍ଦେଶ୍ୟରେ ଆଜି ‘ବିଶ୍ୱ ମିତବ୍ୟୟିତା ଦିବସ’

ପାଳନ କରାଯାଉଛି । ଚଳିତ ବର୍ଷ 'ଆପଣଙ୍କର ଆସନ୍ତାକାଲିକୁ ଜୟ କରନ୍ତୁ' ଶୀର୍ଷକକୁ ନେଇ ଏହି ଦିବସ ପାଳନ କରାଯାଉଛି । ନିୟମିତ ସଞ୍ଚୟ ବ୍ୟକ୍ତିଙ୍କୁ ଆର୍ଥିକ ନିରାପତ୍ତା ପ୍ରଦାନ କରିବା ସହିତ ଭବିଷ୍ୟତର ଶିକ୍ଷା, ସ୍ୱାସ୍ଥ୍ୟ ଓ ଗୃହନିର୍ମାଣ ଭଳି ଅତ୍ୟାବଶ୍ୟକ କାର୍ଯ୍ୟ କରିବା ପାଇଁ ପାଣ୍ଠି ଯୋଗାଇଥାଏ ।

ରାଜ୍ୟର ବିଭିନ୍ନ ସ୍ଥାନରେ ଆଜି ଏହି ଦିବସ ପାଳିତ ହୋଇଯାଇଛି ।

ସମ୍ବଲପୁର ତପସ୍ୱିନୀ ପ୍ରେକ୍ଷାଳୟରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ମଣ୍ଡଳ ଡାକସେବାର ସହକାରୀ ନିର୍ଦ୍ଦେଶକ ବି.ମହେଶ୍ୱର ରାଓ ଯୋଗଦେଇ ଜନସାଧାରଣଙ୍କୁ ସ୍ୱଳ୍ପ ସଞ୍ଚୟ ତଥା ବିତ୍ତୀୟ ସାକ୍ଷରତା ସମ୍ପର୍କରେ ସଚେତନତା କରାଇଥିଲେ । ସାଇବର ଠକେଇ ମିତବ୍ୟୟିତାରେ ବଡ଼ ବାଧକ ବୋଲି ଶ୍ରୀ ରାଓ କହିଥିଲେ ।

ବୌଦ୍ଧ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ସମ୍ମିଳନୀ କକ୍ଷରେ ଆୟୋଜିତ ଏହି ଦିବସରେ ଜିଲ୍ଲାପାଳ ବିଭୂତି ଭୂଷଣ ନାୟକ ଯୋଗଦେଇ ଜନସାଧାରଣଙ୍କୁ ସ୍ୱଳ୍ପ ସଞ୍ଚୟ ଉପରେ ସଚେତନ କରାଇଥିଲେ ।

ଫୁଲବାଣୀ ଗୋଷ୍ଠୀ ଉନ୍ନୟନ ଅଧିକାରୀଙ୍କ କାର୍ଯ୍ୟାଳୟ ସମ୍ମିଳନୀ କକ୍ଷରେ ଏହି ଦିବସ ପାଳିତ ହୋଇଯାଇଛି । ଅତିରିକ୍ତ ଜିଲ୍ଲାପାଳ କାର୍ଯ୍ୟକ୍ରମରେ ଯୋଗଦେଇ ଜନସାଧାରଣଙ୍କୁ ସଞ୍ଚୟ କରିବା ପାଇଁ

ପରାମର୍ଶ ଦେଇଥିଲେ । ଏହି ଅବସରରେ ଅନୁଷ୍ଠିତ ବିଭିନ୍ନ ପ୍ରତିଯୋଗିତାର କୃତି ଛାତ୍ରଛାତ୍ରୀମାନଙ୍କୁ ପୁରସ୍କୃତ କରାଯାଇଥିଲା ।

Nayagarh

## ଶିଶୁ ସୁରକ୍ଷା କର୍ମଶାଳା

ନୟାଗଡ଼ ଜିଲ୍ଲା ଶରଣକୂଳ ପୁଲିସ ଓ ଚାଇଲ୍ଡ ଲାଇନ୍ ପକ୍ଷରୁ ଶିଶୁ ସୁରକ୍ଷା କର୍ମଶାଳା ଅନୁଷ୍ଠିତ ହୋଇଯାଇଛି । ନିର୍ଯାତନାର ଶିକାର ହେଉଥିବା ଶିଶୁଙ୍କ ସମ୍ପର୍କରେ ସହାୟତା ନମ୍ବର– ୧୦୯୮କୁ ଯୋଗାଯୋଗ କରି ଶିଶୁ ଶୋଷଣ, ବାଲ୍ୟ ବିବାହ ଓ ଅପହରଣ ଆଦି ସମ୍ପର୍କରେ ଚାଇଲ୍ଡ ଲାଇନ୍ ବିଭାଗକୁ ଜଣାଇପାରିବେ ବୋଲି ବୈଠକରେ ଉପସ୍ଥିତ ଅଧିକାରୀମାନେ ମତବ୍ୟକ୍ତ କରିଥିଲେ । ଏହି ଅବସରରେ ଯୌନ ନିର୍ଯାତନାର ଶିକାର ହେଉଥିବା ଶିଶୁ ଓ ବାଲ୍ୟବିବାହ ସମ୍ପର୍କିତ ଏକ କ୍ଷୁଦ୍ର ଚଳଚ୍ଚିତ୍ର ପ୍ରଦର୍ଶନ କରାଯାଇଥିଲା । ଶିଶୁଙ୍କ ଉପରେ ହେଉଥିବା ଅତ୍ୟାଚାର ବିରୁଦ୍ଧରେ ସମସ୍ତେ ଯତ୍ନବାନ ହେବା ପାଇଁ କାର୍ଯ୍ୟକ୍ରମରେ ଶପଥପାଠ କରାଯାଇଥିଲା ।

Balangir

## ସର୍ଦ୍ଦାର ବଲ୍ଲଭଭାଇ ପଟେଲ ଜୟନ୍ତୀ

ବଲାଙ୍ଗୀର ଜିଲ୍ଲାରେ ଲୌହମାନବ ସର୍ଦ୍ଦାର ବଲ୍ଲଭ ଭାଇ ପଟେଲଙ୍କ ୧୫୦ତମ ଜୟନ୍ତୀ ଉପଲକ୍ଷେ ଆସନ୍ତାକାଲି ଏକତା ପଦଯାତ୍ରା ଅନୁଷ୍ଠିତ ହେବ । ଏ ନେଇ ଜିଲ୍ଲାସ୍ତରୀୟ କୋର୍ କମିଟି ଓ ସବ୍ କମିଟି ଗଠନ କରାଯାଇଛି । ଆସନ୍ତାକାଲିଠାରୁ ଏହି ପଦଯାତ୍ରା ଆରମ୍ଭ ହୋଇ ନଭେମ୍ବର

୨୫ ତାରିଖ ପର୍ଯ୍ୟନ୍ତ ଚାଲିବ। ସମାଜର ସବୁ ବର୍ଗର ଲୋକଙ୍କୁ 'ଏକ ଭାରତ, ଆତ୍ମନିର୍ଭର ଭାରତ'ର ବାର୍ତ୍ତା ଦେବା ନେଇ ଏହି ପଦଯାତ୍ରାର ମୂଳଲକ୍ଷ୍ୟ।

ଭଦ୍ରକ ସଂସଦୀୟ କ୍ଷେତ୍ରରେ ଏଥିପାଇଁ ଆସନ୍ତାକାଲିଠାରୁ ବିଭିନ୍ନ କାର୍ଯ୍ୟକ୍ରମର ଆୟୋଜିତ କରାଯିବ। ସାଂସଦ ଅଭିମନ୍ୟୁ ସେଠୀଙ୍କ ଅଧ୍ୟକ୍ଷତାରେ ଭଦ୍ରକଠାରେ ଆଜି ଅନୁଷ୍ଠିତ ବୈଠକରେ କାର୍ଯ୍ୟକ୍ରମଗୁଡ଼ିକର ପ୍ରସ୍ତୁତି ଉପରେ ବିସ୍ତୃତ ଆଲୋଚନା ହୋଇଛି।

Deogarh

## ପ୍ରଶିକ୍ଷଣ ଶିବିର

ଦେବଗଡ଼ ଜିଲ୍ଲାପାଳଙ୍କ ସମ୍ମିଳନୀ କକ୍ଷରେ ଘରୋଇ ହିଂସା-୨୦୦୫ ଉପରେ ଜିଲ୍ଲାସ୍ତରୀୟ ପ୍ରଶିକ୍ଷଣ ଶିବିର ଅନୁଷ୍ଠିତ ହୋଇଯାଇଛି। କାର୍ଯ୍ୟକ୍ରମରେ ଜିଲ୍ଲା ଜନସ୍ୱାସ୍ଥ୍ୟ ଅଧିକାରୀ ମୁଖ୍ୟ ଅତିଥିଭାବେ ଯୋଗଦେଇ ମହିଳା ସୁରକ୍ଷା ଆଇନ-୨୦୦୫ ସମ୍ପର୍କରେ ବିସ୍ତୃତ ଆଲୋଚନା କରିଥିଲେ।

Nayagarh/Ganjam

## ସାଇବର ସୁରକ୍ଷା ସଚେତନତା

ଗଞ୍ଜାମ ଜିଲ୍ଲା ପ୍ରଶାସନ ପକ୍ଷରୁ ଛତ୍ରପୁର ଅବସରପ୍ରାପ୍ତ ସରକାରୀ କର୍ମଚାରୀ ସଂଘ ପ୍ରକୋଷ୍ଠରେ ସାଇବର ସୁରକ୍ଷା ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। କାର୍ଯ୍ୟକ୍ରମରେ ଜିଲ୍ଲାର ଅତିରିକ୍ତ ଆରକ୍ଷୀ ଅଧୀକ୍ଷକ ଯୋଗଦେଇ ସାଇବର ଠକାମୀରୁ ଜନସାଧାରଣଙ୍କୁ ଦୂରେଇ

ରଖିବା ନିମନ୍ତେ ସଚେତନ କରାଇଥିଲେ । ସାଇବର ଠକେଇରେ ଶିକାର ହେଲେ ତୁରନ୍ତ ୧୯୩୦ କିମ୍ବା ୧୦୪୫ ନମ୍ବରରେ ଯୋଗାଯୋଗ କରିବାକୁ ଉପଦେଶ ଦେଇଥିଲେ ।

ନୟାଗଡ଼ ଜିଲ୍ଲା ଆରକ୍ଷୀ ଅଧୀକ୍ଷକଙ୍କ ନେତୃତ୍ୱରେ ଆଜି ଜିଲ୍ଲାରେ ଏକ ସାଇବର ସୁରକ୍ଷା ସଚେତନତା ଶୋଭାଯାତ୍ରା ଅନୁଷ୍ଠିତ ହୋଇଯାଇଛି । ସାଇବର ସୁରକ୍ଷା ଉପରେ ଏକ ନାଟକ ସୁରଭି ମଞ୍ଚସ୍ଥ କରାଯାଇଥିଲା ।

Jharsuguda

## ପ୍ରାଣୀ ସମ୍ପଦ ମେଳା

ଝାରସୁଗୁଡ଼ା ଜିଲ୍ଲାରେ ମତ୍ସ୍ୟ ଓ ପ୍ରାଣୀ ସମ୍ପଦ ମେଳା ଅନୁଷ୍ଠିତ ହୋଇଯାଇଛି । ଜିଲ୍ଲାପାଳ କୁନାଲ ମୋତିରାମ ଚୌହ୍ୱାନ କାର୍ଯ୍ୟକ୍ରମରେ ଯୋଗଦେଇ ସରକାରଙ୍କ ପ୍ରୋତ୍ସାହନ ସମ୍ପର୍କରେ ଚାଷୀମାନଙ୍କୁ ଅବଗତ କରାଇଥିଲେ । ପ୍ରାଣୀଧନରେ ଜିଲ୍ଲାର ସମସ୍ତ ଗ୍ରାମପଞ୍ଚାୟତରେ ଜନସାଧାରଣଙ୍କୁ ସଚେତନ କରିବା ଲାଗି ଗୋପାଳନ କରିବା ପାଇଁ ଜିଲ୍ଲାପାଳ ପରାମର୍ଶ ଦେଇଥିଲେ ।

Kendrapra

## ଗୋଷ୍ଠାଷ୍ଟମୀ ଦେବନୀତି

କେନ୍ଦ୍ରାପଡ଼ା ଜିଲ୍ଲାର ଆରାଧ୍ୟ ଦେବତା ଶ୍ରୀବଳଦେବଜୀଉଙ୍କର ପବିତ୍ର ତୀର୍ଥରେ ଗୋଷ୍ଠାଷ୍ଟମୀ ଦେବନୀତି ପାଳିତ ହୋଇଯାଇଛି । ଶ୍ରୀବଳଦେବଜୀଉଙ୍କ ବସନ୍ତ ବଗିଚାରେ ରହିଥିବା ଗୋତୀର୍ଥରେ ଏହି

ପବିତ୍ର ଉତ୍ସବକୁ ପାଳନ କରାଯାଇଛି। ବହୁସଂଖ୍ୟକ ହବିଷ୍ୟାଳୀ ଗୋତୀର୍ଥରେ ଉପସ୍ଥିତ ରହି ଗୋମାତାଙ୍କ ପୂଜାରେ ଅଂଶଗ୍ରହଣ କରିଥିଲେ।

Boudh

## ସମବାୟ ବର୍ଷ ପାଳନ

ବୌଦ୍ଧ ନିୟନ୍ତ୍ରିତ ବଜାର କମିଟି ସଭାଗୃହରେ ସମବାୟ ବିଭାଗ ପକ୍ଷରୁ ଆନ୍ତର୍ଜାତିକ ସମବାୟ ବର୍ଷ ପାଳନ ଅବସରରେ ଜିଲ୍ଲାସ୍ତରୀୟ ସମବାୟ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ସମବାୟ ସମିତି ସମୂହର ଉପନିବନ୍ଧକ କାର୍ଯ୍ୟକ୍ରମରେ ଯୋଗଦେଇ ସମିତିମାନଙ୍କରେ ଋଣ ଲଗାଣ ସମ୍ପର୍କରେ ଆଲୋଚନା କରିଥିଲେ।

Ganjam

## ବୋଇତ ବନ୍ଦାଣ ଉତ୍ସବ

ଗଞ୍ଜାମ ଜିଲ୍ଲାପାଳ ଭି.କାର୍ତ୍ତିକ୍ପ୍ରାସନ୍‌ଙ୍କ ଅଧ୍ୟକ୍ଷତାରେ ଜିଲ୍ଲାସ୍ତରୀୟ ବୋଇତବନ୍ଦାଣ ଉତ୍ସବ ପାଳନ ନିମନ୍ତେ ଆଭାସୀ ଜରିଆରେ ଏକ ପ୍ରସ୍ତୁତି ବୈଠକ ଆଜି ଅନୁଷ୍ଠିତ ହୋଇଯାଇଛି। ଉତ୍ସବକୁ ପାରମ୍ପରିକ ରୀତିନୀତିରେ ପାଳନ, ଆଲୋଚନାଚକ୍ର, ଝୋଟି, ଓଡ଼ିଆଣୀ ବୋହୂବେଶ, ଓଡ଼ିଆ ପିଠା ଓ ଖାଦ୍ୟ ପ୍ରତିଯୋଗିତାର ଆୟୋଜନ ହେବା ନେଇ ଆଲୋଚନା କରାଯାଇଥିଲା। ଗୋପାଳପୁର ବେଳାଭୂମିରେ ଆସନ୍ତା ମାସ ୫ ତାରିଖରେ ତିନିଦିନ ଧରି ଏହି ଉତ୍ସବ ପାଳନ କରାଯିବ।